ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସୁବର୍ଣ୍ଣରେଖା ଉପରେ ପନ୍ତେଇଠାରେ ହାଇଲେବୁଲ ବ୍ରିଜ୍ ହେବ

## ୧.୬୪୨ କି.ମି. ଦୀର୍ଘ ବ୍ରିଜ୍ ପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ ହେବ

ଭୁବନେଶ୍ୱର, ୦୭ ଫେବୃଆରୀ, ୨୦୧୯

ଉତ୍ତର ବାଲେଶ୍ୱର ସହିତ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ସଡ଼କପଥରେ ସଂଯୋଗୀକରଣ ପାଇଁ ସୁବର୍ଣ୍ଣରେଖା ନଦୀର ପନ୍ତେଇଠାରେ ଏକ ହାଇଲେବୁଲ୍ ବ୍ରିଜ୍ ନିର୍ମିତ ହେବ । ରାଜ୍ୟ ସରକାର ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେବା ସହିତ ଟେଣ୍ଡର ଆହ୍ୱାନ କରିଛନ୍ତି ।

୧.୬୪୨ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ୧୯୦ କୋଟି ଟଙ୍କା ଖର୍ଚ୍ଚ ହେବ । ୧୬ ନଂ ଜାତୀୟ ରାଜପଥର ହଳଦିପଡ଼ାଠାରୁ ୩୬ କିଲୋମିଟର ଦୂରବର୍ତ୍ତୀ ପନ୍ତେଇଠାରେ ଏହି ହାଇଲେବୁଲ ବ୍ରିଜ୍ ନିର୍ମିତ ହେଲେ ଚନ୍ଦନେଶ୍ୱରଠାରୁ ବାଲେଶ୍ୱରର ଦୂରତ୍ୱ ପ୍ରାୟ ୨୦ କିଲୋମିଟର ହ୍ରାସ ପାଇବା ସହିତ ତାଳସାରୀ, ଉଦୟପୁର, ବାଲିଆପାଳର ଉଗରା ବେଳାଭୂମି, ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପିଠ ଓ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ସଡ଼କ ପଥରେ ଯୋଗାଯୋଗ ସହଜ ହୋଇପାରିବ । ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଯାତାୟାତର ସମସ୍ୟା ରହିବ ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୬ରେ ସୁଲପଟାଠାରେ ପଞ୍ଚୁପଡ଼ା ବ୍ରିଜ୍ ନିର୍ମାଣ ସମୟରେ ଭୋଗରାଇ ବିଧାୟକ ତଥା ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ଅନନ୍ତ ଦାସଙ୍କ ସମେତ ସାଂସଦ ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ବିଧାୟକ ଜୀବନପ୍ରଦୀପ ଦାସ ପ୍ରମୁଖ ସୁବର୍ଣ୍ଣରେଖା ଉପରେ ହାଇଲେବୁଲ ବ୍ରିଜ୍ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ । ଏହ ଦାବି ପୂରଣ ହେବା ଫଳରେ ବାଲେଶ୍ୱର ଜିଲ୍ଲାର ଲକ୍ଷଲକ୍ଷ ଜନସାଧାରଣ ଉପକୃତ ହେବା ସହିତ ସେହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ଉଲ୍ଲେଖକରି ମନ୍ତ୍ରୀ ଶ୍ରୀ ଦାସଙ୍କ ସମେତ ସାଂସଦ ଓ ବିଧାୟକ ବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

ସୂର୍ଯ୍ୟ ରଞ୍ଜନ ମହାନ୍ତି
ସୂଚନା ଅଧିକାରୀ